<oag15><Natural Sc><Agricultur><1990><Bulle><ଧାନ ଉତ୍ପ୍><କୃଷିସମ୍ବ><0801>

ବିହନ ପରିବର୍ତ୍ତନ

ଚାଷୀ ନିଜ ଅଞ୍ଚଳର ଜଳବାୟୁ ଓ ଜମିର କିସମକୁ ନେଇ ଆବଶ୍ୟକ ବିହନ ପରିମାଣର କିଛି ଅଂଶ ପ୍ରତି ବର୍ଷ ବଦଳାଇ ପରୀକ୍ଷିତ , ଅଧିକ ଅମଳକ୍ଷମ ବିହନ ବ୍ୟବହାର କଲେ ଉତ୍ପାଦନ ବୃଦ୍ଧି ପାଇଥାଏ ।

ଅଣ ଜଳସେଚିତ ଧାନ ଚାଷ

(କ) ବୁଣିବା ସମୟ ଓ ପ୍ରଣାଳୀ

ଜୁନ ମାସ ଆରମ୍ଭରେ ୫୫ ରୁ ୭୦ ମି.ମି. ମୌସୁମୀ ବର୍ଷା ହୋଇଗଲେ , ଅଣଜଳସେଚିତ ଢିପ ଜମିରେ ଧାନ ବୁଣାବୁଣି କରି ଦେବା ଦରକାର । ଅରାବୁଣା ଧାନଗଛ ସୁସ୍ଥ ସବଳ ହୋଇ ଭଲ ବଢିବା ଦ୍ୱାରା ଫସଲ ଶୀଘ୍ର ଅମଳ ହୋଇ ଦ୍ୱିତୀୟ ଫସଲ ଚାଷ ପାଇଁ ସୁବିଧା ହୁଏ ଏବଂ ଫସଲର ଶେଷ ଅବସ୍ଥାରେ ମରୁଡି ହେଲେ ମଧ୍ୟ ଅମଳରେ ବାଧା ପଡେ ନାହିଁ ।

ମାଟିରେ ବତର ଥିବା ସମୟରେ ବିହନ ବୁଣାଯନ୍ତ୍ର କିମ୍ବା ଗୋଜିଲଙ୍ଗଳ ସାହାଯ୍ୟରେ ଧାଡିକୁ ଧାଡି ୧୫ ସେ.ମି. ବ୍ୟବଧାନ ରଖି ୩.୫ ସେ.ମି. ଗଭୀରରେ ଧାନ ବିହନ ବୁଣିବା ଉଚିତ ଏବଂ ଏଥିପାଇଁ ହେକ୍ଟର ପ୍ରତି ୭୦ କିଲୋଗ୍ରାମ ବିହନ ଆବଶ୍ୟକ ହୋଇଥାଏ ।

ଧାଡିରେ ବୁଣିବା ଦ୍ୱାରା ଅଳ୍ପ ବିହନ ଖର୍ଚ୍ଚ ହୁଏ କିନ୍ତୁ କିଆରୀରେ ଯଥେଷ୍ଟ ସଂଖ୍ୟାରେ ଗଛ ରହେ । ଗଛଗୁଡିକ ସମାନ ଭାବେ ଖାଦ୍ୟସାର ପାଇବା ଫଳରେ , ସବୁ ଗଛ ସମାନ ଭାବେ ବଢେ ଓ ଘାସ ବାଛିବାରେ ସୁବିଧା ହୁଏ । ଧାଡି ବୁଣାରେ , ବିହନ ଗୁଡିକ ମାଟିରେ ଘୋଡାଇ ହୋଇ ଯାଉଥିବାରୁ , ଚଢେଇଙ୍କ ଦ୍ୱାରା ବିଶେଷ ନଷ୍ଟ ହୁଏ ନାହିଁ ।

(ଖ) ବିହନ ନିର୍ବାଚନ

ପରୀକ୍ଷିତ ଅଧିକ ଅମଳକ୍ଷମ ଧାନ ବିହନ ବ୍ୟବହାର ଉପରେ ଗୁରୁତ୍ୱ ଦେବା ଆବଶ୍ୟକ । ସମତଳ ଢିପ ଜମିରେ ୧୦୦ ଦିନ ମଧ୍ୟରେ , ମଝିଆଳି ଜମିରେ ୧୩୦ ରୁ ୧୩୫ ଦିନ ମଧ୍ୟରେ ଓ ଖାଲ ଜମିରେ ୧୫୫ ରୁ ୧୬୦ ଦିନରେ ଅମଳ ହୋଇ ପାରୁଥିବା ବିହନ ବ୍ୟବହାର କରିବା ଉଚିତ । ନିର୍ବାଚିତ ବିହନକୁ ଲୁଣି ପାଣି ଦ୍ରବଣରେ ପକାଇ ସେଥିରେ ଭାସୁଥିବା କଣ୍ଠା ଓ ଅଗାଡି ଛାଣି ବାହାର କରି ଦିଅନ୍ତୁ । ତଳେ ବସିଯାଇଥିବା ବିହନକୁ ଧୋଇ , ଶୁଖାଇ ବିଶୋଧନ କରନ୍ତୁ ।

(ଗ) ବିହନ ବିଶୋଧନ

ବିହନ ଜନିତ ରୋଗ ଆକ୍ରମଣରୁ ଫସଲରୁ ଫସଲକୁ ରକ୍ଷା କରିବା ନିମନ୍ତେ , ବୁଣା ପୂର୍ବରୁ ପ୍ରତି ୧ କେଜି ବିହନକୁ ୨.୫ ଗ୍ରାମ ମନୋସାନ ବା ଏମିସାନ କିମ୍ବା ଥିରାମ୍ ଅଥବା କ୍ୟାପଟାନ ଗୁଣ୍ଡରେ ଗୋଳାଇ ବିଶୋଧନ କରିନେବା ଦରକାର ।

(ଘ) ସାର ପ୍ରୟୋଗ

ମାଟି ପରୀକ୍ଷା କରି ଅନୁମୋଦିତ ପରିମାଣର ସାର ବ୍ୟବହାର କରିବା ଉଚିତ । ମାଟି ପରୀକ୍ଷା କରାଯାଇନଥିଲେ , ଅଧିକ ଅମଳକ୍ଷମ ଧାନ ପାଇଁ ହେକ୍ଟର ପ୍ରତି ୨୦ କେଜି ପଟାସ ଓ ୨୦ କେଜି ଫସଫରସ ଜାତୀୟ ଉଦ୍ଭିଦ ଖାଦ୍ୟସାରକୁ ଶେଷଓଡ ଚାଷ ସମୟରେ ପ୍ରୟୋଗ କରି ଭଲଭାବେ ମାଟିରେ ମିସାଇ ଦିଅନ୍ତୁ । ୧୦ କେଜି ଯବକ୍ଷାରଜାନ ଜାତୀୟ ସାରକୁ ବିହନ ବୁଣିବା ପୂର୍ବରୁ ଧାଡିରେ ପ୍ରୟୋଗ କରନ୍ତୁ । ଧାଡିରେ ନ ବୁଣି , ଧାନକୁ ଛାଟି ବୁଣୁଥିଲେ , ମୂଳସାର ଭାବେ କେବଳ ପଟାସ ଓ ପସଫରସ ଜାତୀୟ ଖାଦ୍ୟସାର ପ୍ରୟୋଗ କରିବା ଦରକାର ।

ଧାନ ଗଜା ହେବାର ତିନି ସପ୍ତାହ ବେଳକୁ ପ୍ରତି ୩୦ କେଜି ଯବକ୍ଷାରଜାନ ଜାତୀୟ ସାର ପ୍ରୟୋଗ କରି ଖୁସେଇ ଦିଅନ୍ତୁ ଓ ଘାସବାଛି ଜମି ପରିଷ୍କାର କରନ୍ତୁ । ଧାନ ଗଛର ଥୋଡପତ୍ର ବାହାରିବା ସମୟରେ କେଣ୍ଡା ବାହାରିବାର ୧୮ ଦିନ ପୂର୍ବରୁ ହେକ୍ଟର ପ୍ରତି ୧୦ କେଜି ଯବକ୍ଷାରଜାନ ପ୍ରୟୋଗ

କରନ୍ତୁ । ଯବକ୍ଷାରଜାନ ସାର ପ୍ରୟୋଗ ପରେ ପରେ ଧାନଗଛ ଧାଡିରେ ମଝିରେ ଖୁସୁଣୀ ଯନ୍ତ୍ର ଚଳାଇ ଦେଇ ସାର ଭଲଭାବେ ମାଟିରେ ମିଶିଯାଏ । ଘାସ ବାଛିବାର କମ୍ ଖର୍ଚ୍ଚ ହୁଏ । //

ମନେ ରଖନ୍ତୁ ଧାଡି ବୁଣା ଢିପ ଧାନ ଜମିରୁ ବୁଣାର ତିନି ସପ୍ତାହ ମଧ୍ଧରେ ଘାସ ନ ବାଛିଲେ ଅମଳ ଯଥେଷ୍ଟ କମିଯିବ ।

ମଝିଆଳି ଓ ଖାଲ ଜମିର ଛଟାବୁଣା ଧାନ ଫସଲରେ , ବେଉଷଣ କଲାବେଳେ ହେକ୍ଟର ପ୍ରତି ୩୦ କେଜି ଫସଫରସ ଓ ୩୦ କେଜି ପଟାସ ଖାଦ୍ୟସାର ସହିତ ୩୦ କେଜି ଯବକ୍ଷାରଜାନ ଖାଦ୍ୟସାର ପ୍ରୟୋଗ କରନ୍ତୁ । ବେଉଷଣର ୧୫ ଦିନ ପରେ ଆଉ ୧୫ କେଜି ଯବକ୍ଷାରଜାନ , ପିଲସାର ଭାବେ ଏବଂ ବାକି ୧୫ କେଜି , ଥୋଡସାର ଭାବେ ପ୍ରୟୋଗ କରନ୍ତୁ । କେଣ୍ଡା ବାହାରିବାର ୧୮ ରୁ ୨୦ ଦିନ ପୂର୍ବରୁ ଥୋଡସାର ପ୍ରୟୋଗ କରିବା ଦରକାର । ମାଟି ବଲୁଆ ହୋଇଥିଲେ କିମ୍ବା ଦେଶୀ ଅଥବା ଉନ୍ନତ କିସମର ଅଳ୍ପ ଉତ୍ପାଦନକ୍ଷମ ଧାନଚାଷ କରାଯାଉଥିଲେ , ସାର ପରିମାଣ କମ୍ କରି ଦିଅନ୍ତୁ । ଅନେକ ଢିପ ଜମିର ମାଟି ଅମ୍ଳିୟ ଥାଏ । ଏପରି ଜମିରେ ମୋଟ ଫସଫେଟ ସାର ମଧ୍ୟରୁ ଶତକଡା ୮୦ ଭାଗ ରକ ଫସଫେଟ ଓ ବାକି ୨୦ ଭାଗ ସୁପର ଫସଫେଟ ଭାବେ ପ୍ରୟୋଗ କଲେ ଅଳ୍ପ ଖର୍ଚ୍ଚ ହୁଏ ଓ ଅଧିକ ଅମଳ ମିଳେ ।

( ଙ ) ଘାସ ଓ ଅନାବନା ଗଛ ଉଠି ଫସଲ ଉତ୍ପାଦନରେ ବାଧା ସୃଷ୍ଟି କରିଥାନ୍ତି । ଧାନ ବୁଣା ହେବାର ୧୫-୨୦ ଦିନ ବେଳକୁ ଥରେ ଏବଂ ୩୫-୪୦ ଦିନ ବେଳକୁ ଆଉ ଥରେ , ଏପରି ଦୁଇଥର ଘାସବଛା କାମ , ମୂଲିଆଙ୍କ ଦ୍ୱାରା କରାଇ ନେବା ଆବଶ୍ୟକ । ଧାଡିବୁଣା ଫସଲରେ ରେକ୍ ଉଇଡର ଚଳାଇ , ଅଳ୍ପ ସମୟରେ ଘାସ ବଛା ଯାଇପାରେ । ଧାନବୁଣା ହେବାର ୩ ସପ୍ତାହ ମଧ୍ୟରେ ଘାସ ବଛାବଛି କାମ ନ କଲେ , ଅମଳ କମିଯାଏ ।

ମଝିଆଳି ଓ ଖାଲ ଜମିର ବୁଣାଧାନ ଫସଲରେ , ଠିକ୍ ସମୟରେ ବେଉଷଣ କରି ଘାସ ନଷ୍ଟ କରିଦେବା ଉଚିତ । ବେଉଷଣ ସମୟରେ ଖେଳୁଆ

କରି ଏବଂ ପ୍ରଥମ ବଛାବଛି ବେଳେ ଖୁଞ୍ଚା ଦେଇ , ଜମିରେ ବର୍ଗମିଟର ପ୍ରତି ୪୦ ରୁ ୭୦ ବୁଦା ରଖନ୍ତୁ ।

ରୁଆଧାନ (କ) ତଳି ପ୍ରସ୍ତୁତ

ସୁସ୍ଥ ସବଳ ତଳି ଶୀଘ୍ର ଚେର ଧରେ ଓ ଭଲ ବଢେ । ତଳିଘରାକୁ ଭଲଭାବେ କାଦୁଆ କରି ମଇଦେଇ ସମତୁଲ କରନ୍ତୁ ।

ବିହନ ବୁଣିବାର ୨-୩ ସପ୍ତାହ ପୂର୍ବରୁ ୧୦୦ ବର୍ଗମିଟର ତଳିଘରା ପ୍ରତି , ୨୦୦ ରୁ ୩୦୦ କିଲୋଗ୍ରାମ କଂପୋଷ୍ଟ କିମ୍ବା ସଢା ଗୋବରଖତ ପ୍ରୟୋଗ କରିବା ଦରକାର । ଖତ କିମ୍ବା କମ୍ପୋଷ୍ଟ ଅଳ୍ପ ମିଳିଲେ , ଖତ ସହିତ ପ୍ରତି ବର୍ଗମିଟର ତଳିଘରା ନିମନ୍ତେ ଯବକ୍ଷାରଜାନ , ଫସଫରସ ଓ ପଟାସ ଜାତୀୟ ପ୍ରତ୍ୟେକ ଖାଦ୍ୟସାରରୁ ୪ ଗ୍ରାମ ଲେଖାଏଁ ପ୍ରୟୋଗ କରିବା ଆବଶ୍ୟକ । ଖତ ଓ ସାର ମିଶାଇ ପ୍ରୟୋଗ କରାଯାଇଥିଲେ , ସାର ପରିମାଣ ଅଧା କମ୍ କରି ଦେବା ଆବଶ୍ୟକ ।

ଏକ ହେକ୍ଟର ଜମି ରୋଇବା ନିମନ୍ତେ ୫୦-୭୦ କିଲୋଗ୍ରାମ ଅଧିକ ଅମଳକ୍ଷମ ଧାନ ବିହନକୁ ୧୦୦୦ ବର୍ଗମିଟର ଜମିରେ ତଳି ପକାନ୍ତୁ । ଗାଲି ଗଜା ଫିଟିଥିବା ବିହନ ବୁଣିବା ଭଲ ।

ପ୍ରଥମେ କିଛିଦିନ ପର୍ଯ୍ୟନ୍ତ ତଳିପଟିକୁ କେବଳ ଓଦା ରଖନ୍ତୁ । ଧାନ ଗଜା ମାଟି ଉପରକୁ ଆସି ଗଛ ବଢିବା ସଙ୍ଗେ ସଙ୍ଗେ ୨ ରୁ ୫ ସେ.ମି. ପର୍ଯ୍ୟନ୍ତ ଠିଆ ପାଣି ବାନ୍ଧି ରଖନ୍ତୁ ।

ଧାନ ଗଜା ହେବାର ୧୫ ଦିନ ପରେ ଘାସ ବଛାବଛି କରି ପ୍ରତି ୧୦ ବର୍ଗମିଟର ତଳିପଟିରେ ୨୨୫ ଗ୍ରାମ ୟୁରିଆ ପ୍ରୟୋଗ କରନ୍ତୁ । ଏହି ସମୟରେ ପୋକ ଦାଉରୁ ତଳିକୁ ରକ୍ଷା କରିବ ପାଇଁ ପ୍ରତି ୧୦୦୦ ବର୍ଗମିଟର ତଳିପଟିରେ ୧୦୦ ମି.ଲି. ମନୋକ୍ରୋଟୋଫସ / ଫେନିଟ୍ରୋଥିଅନ / କ୍ଲୋରୋପାଇରିଫସ ଜାତୀୟ ଔଷଧ କିମ୍ବା ୪୦ ମି.ଲି. ଫସଫାମିଡନ ଜାତୀୟ ଔଷଧ ସିଞ୍ଚନ୍ତୁ । ଅଧିକ ପୋକ ଲାଗିଲେ , ପ୍ରଥମଥର ଔଷଧ ପକାଇବାର ୧୦ ଦିନ ପରେ ପୁଣି

ଥରେ ଉପରୋକ୍ତ ପରିମାଣର ଔଷଧ ପକାଇବାର ୧୦ ଦିନ ପରେ ପୁଣି
ଥରେ ଉପରୋକ୍ତ ପରିମାଣର ଔଷଧ ପ୍ରୟୋଗ କରିବା ଆବଶ୍ୟକ ।
କିଆରୀରେ ପାଣି ବାନ୍ଧି ରଖିବାର ସୁବିଧା ଥିଲେ , ତରଳ ଔଷଧ
ବଦଳରେ ପ୍ରତି ୧୦୦୦ ବର୍ଗମିଟର ତଳିପଟିରେ ୧.୨୫ କିଲୋଗ୍ରାମ ଫୋରେଟ୍ ,
୩ କିଲୋଗ୍ରାମ କାର୍ବୋଫ୍ୟୁରାନ , ୨.୫ କିଲୋଗ୍ରାମ ଡାଇଜିନନ୍ , ୨.୫ କିଲୋଗ୍ରାମା
କ୍ୟୁନାଲଫସ ଜାତୀୟ ଦାନାଦାର ଔଷଧ ତଳି ପଡିବାର ୮ ରୁ ୧୦ ଦିନ ପୂର୍ବରୁ
ଜଳିଘରାରେ ପ୍ରୟୋଗ କରାଯାଇ ପାରିବ ।

(ଖ) ଧାନତଳି ବିଶୋଧନ

ତଳିଘରାରେ ଦାନାଦାର ଔଷଧ ପ୍ରୟୋଗ କରି ନଥିଲେ , ରୁଆ ପୂର୍ବରୁ
ଧାନ ତଳିର ଚେରକୁ , କ୍ଲୋରୋପାଇରିଫସ ଜାତୀୟ ଔଷଧର ଶତକଡା ୦.୦୨ ଭାଗ
ଦ୍ରବଣରେ ୮ ରୁ ୧୦ ଘଣ୍ଟା ବୁଡାଇ ରୋଇବା ଆବଶ୍ୟକ । ଏହି ଦ୍ରବଣ ସହିତ ଶତକଡା
୧ ଭାଗ
ୟୁରିଆ ସାର ମିଶାଇ ତଳିର ଚେତକୁ କେବଳ ୩ ଘଣ୍ଟା ବୁଡାଇ ରୁଆଯାଇ ପାରିବ । //

(ଗ) ଜମି ପ୍ରସ୍ତୁତି

ରୋଇବାର ୩ ସପ୍ତାହ ପୂର୍ବରୁ ଜମିକୁ କାଦୁଅ କରନ୍ତୁ । ଖଡ , ନଡାମୂଳ
ଓ ବିଭିନ୍ନ ପ୍ରକାର ଅନାବନା ଗଛକୁ ଆଗରୁ ଚାଷକରି ମାଟିରେ ମିଶାଇ , ଜମିରେ
ଯଥେଷ୍ଟ ପାଣି ବାନ୍ଧି ରଖିଲେ , ସେଗୁଡିକ ସହଜରେ ପଚିଯାଏ । ବାରମ୍ବାର ହଳ
କରି ଜମିକୁ ନରମ କାଦୁଅ କରନ୍ତୁ । ଶେଷଓଡ କାଦୁଅ କରିବା ପୂର୍ବରୁ ବିଭିନ୍ନ
କିସମର ଧାନ ପାଇଁ ଅନୁମୋଦିତ ପରିମାଣର ସମସ୍ତ ଫସଫରସ ଓ ପଟାସ
ଜାତୀୟ ଖାଦ୍ୟସାର ଏବଂ ଯବକ୍ଷାରଜାନ ଖାଦ୍ୟସାର ଏକ ଚତୁର୍ଥାଂଶ ପ୍ରୟୋଗ
କରନ୍ତୁ ଓ ମଇଦେଇ ଜମି ସମତଳ କରନ୍ତୁ । ଏହାଦ୍ୱାରା ସବୁ ଧାନଗଛ ସମାନ
ଭାବେ ଖାଦ୍ୟ ଓ ପାଣି ପାଇପାରିବେ ।

(ଘ) ଉନ୍ନତ ପ୍ରଣାଳୀରେ ଧାନ ରୁଅନ୍ତୁ

ମେ ମାସ ଶେଷରୁ ଜୁନ ପ୍ରଥମ ସପ୍ତାହ ମଧ୍ୟରେ ଧାନ ରୁଆଗଲେ ,

ସବୁଠାରୁ ଅଧିକ ଅମଳ ମିଳିଥାଏ । ରୁଆ ବିଳମ୍ବ ହେଲେ ପିଲ ସଂଖ୍ୟା କମିଯାଏ ଓ ଶୀଘ୍ର ଫୁଲ ଆସି ଅମଳ କମିଯାଏ । ତଳି ୪ ପତ୍ରର ହୋଇଗଲେ ତଳି ପଟିରେ ପାଣି ବାନ୍ଧି ରଖି ଓପାଡିବା ଦ୍ୱାରା , ଖର୍ଚ୍ଚ କମ୍ ହୁଏ ଓ ଚେର ଛିଡେ ନାହିଁ । ତଳି ଉପୁଡିବାର ଦିନ କିମ୍ବା ତା ପରଦିନ ରୋଇବା ଦରକାର । ସର୍ବଦା ସୁସ୍ଥ , ସତେଜ ଓ ଅନୁମୋଦିତ ବୟସର ତଳି ରୋଇବା ଉଚିତ । ତଳି ଗୁଡିକୁ ସିଧା ଓ ଅଗଭୀରରେ ରୋଇବା ଦରକାର । ଟଙ୍ଗା ଭାବେ ରୋଇଲେ ଗଛ ସିଧା ହୋଇ ବଢିବାକୁ ସମୟ ଦରକାର କରେ ଓ ପିଲ ମାରିବାରେ ପୋତନ୍ତୁ । ଅଧିକ ଗଭୀରର ରୋଇଲେ , ପିଲ ବାହାରିବାରେ ଡେରି ହୋଇଥାଏ ଏବଂ ପିଲ ସଂଖ୍ୟା କମିଯାଏ । ପରୀକ୍ଷା କରି ଦେଖା ଯାଇଛି ଯେ , ପ୍ରତି ୩ ସେ.ମି. ଅଧିକ ଗଭୀରତା ପାଇଁ ପିଲ ବାହାରିବାରେ ୭ ଦିନ ବିଳମ୍ବ ହୋଇଥାଏ ।

(ଙ) ଗଛ ସଂଖ୍ୟା

ସଅଳ କିସମ ଧାନ ପାଇଁ ଧାଡିକୁ ଧାଡି ଓ ଗଛକୁ ଗଛ ବ୍ୟବଧାନ ୧୫ ସେ.ମି. x 10 ସେ.ମି. ମଧ୍ୟରେ କିସମ ଧାନରେ ୨୦ ସେ.ମି. x 10 ସେ.ମି. ଓ ଖାଲ ଜମି ପାଇଁ ୨୦ ସେ.ମି. x 15 ସେ.ମି. ବ୍ୟବଧାନ ରଖିବା ଉଚିତ । ଯେଉଁମାନେ ବେଶୀ ପ୍ରଣାଳୀରେ ରୋଉଛନ୍ତି , ସେମାନେ ବର୍ଗମିଟର ପ୍ରତି ୫୦ ରୁ ୭୦ ବୁଦା ରଖିବା ଦରକାର ।

(ଚ) ମାଟି ପରୀକ୍ଷା କରାଇ ଅନୁମୋଦିତ ପରିମାଣର ସାର ପ୍ରୟୋଗ କରିବା ଉଚିତ । ମାଟି ପରୀକ୍ଷା କରାଯାଇ ନ ଥିଲେ , ନିମ୍ନ ଲିଖିତ ପରିମାଣର ସାର ପ୍ରୟୋଗ କରାଯିବା ଦରକାର ।

ଶେଷଓଡ କାଦୁଅ ପୂର୍ବରୁ ଆବଶ୍ୟକ ହେଉଥିବା ସବୁତକ ଫସଫରସ ଓ ପଟାସ ଖାଦ୍ୟସାର ସହିତ ଯବକ୍ଷାରଜାନ ଖାଦ୍ୟସାରର ଏକ ଚତୁର୍ଥାଂଶ ଦିଅନ୍ତୁ । ରୁଆ ପୂର୍ବରୁ ଯବକ୍ଷାରଜାନ ଜାତୀୟ ସାର ଉପରୋକ୍ତ ପରିମାଣଠାରୁ ଅଧିକ ଦେବା ଉଚିତ ନୁହେଁ ।

ଧାନରେ ପିଲସାର ଭାବେ ଅର୍ଥାତ ରୁଆର ୧୫-୨୦ ଦିନ ବେଳକୁ ସମୁଦାୟ ଯବକ୍ଷାରଜାନ ଖାଦ୍ୟସାରର ଅର୍ଦ୍ଧେକ ଏବଂ ଥୋଡ ସାର ଭାବେ ଧାନକେଣ୍ଡା ବାହାରିବାର ୧୮ ଦିନ ପୂର୍ବରୁ ଅବଶିଷ୍ଟ ଏକ ଚତୁର୍ଥାଂଶ ଯବକ୍ଷାରଜାନ ଜାତୀୟ ଖାଦ୍ୟସାର ଦିଅନ୍ତୁ । //

ମନେ ରଖନ୍ତୁ ଜମିର ମାଟି ବାଲୁଆ ଥିଲେ କିମ୍ବା ବ୍ୟବହୃତ ବିହନ ବିଶେଷ ଅମଳକ୍ଷମ ହୋଇ ନ ଥିଲେ , ସାର ପରିମାଣ କମ୍ କରିଦେବା ଉଚିତ । ପଡ଼ୁରି ପଡୁଥିବା ଜମିରେ ଯବକ୍ଷାରଜାନ ପରିମାମ କମ୍ କରି ଅନୁମୋଦିତ ପରିମାଣର ଫସଫେଟ ଓ ପଟାସ ସାର ପ୍ରୟୋଗ କରନ୍ତୁ ।

ମନେ ରଖନ୍ତୁ ଧାନ ଫସଲର ମୋଟ ଜୀବନକାଳ ମଧ୍ୟରୁ ୪୦-୫୦ ଦିନ ବାଦ୍ ଦେଲେ ଅବଶିଷ୍ଟ ଯେତିକି ଦିନ ରହିଲା , ଧାନଗଜା ହେବା ଦିନଠାରୁ ସେତିକି ଦିନର ହୋଇଗଲେ , ତୃତୀୟ କିସ୍ତିର ସାର ବା ଥୋଡ ସାର ପ୍ରୟୋଗ କରିବା ଆବଶ୍ୟକ , ଏଥିରୁ ଡେରିରେ କିମ୍ବା ଶୀଘ୍ର ସାର ଦେଲେ କ୍ଷତି ହୁଏ ।

ବଢି ଓ ଖାଲୁଆ ଅଞ୍ଚଳରେ ହେକ୍ଟର ପ୍ରତି ୪୦ କିଲୋଗ୍ରାମ ଯବକ୍ଷାରଜାନ ଏବଂ ଫସଫରସ ଓ ପଟାସ ପ୍ରତ୍ୟେକ ଖାଦ୍ୟସାରରୁ ୨୦ କିଲୋଗ୍ରାମ ଲେଖାଏଁ ବୁଣା ବା ରୁଆ ପୂର୍ବରୁ ପ୍ରୟୋଗ କରନ୍ତୁ ।

ବଢି ଓ ଖାଲୁଆ ଅଞ୍ଚଳରେ ଧାନ ଫସଲ ଅଧିକ ଦିନ ବୁଡି ରହିଲେ ନଷ୍ଟ ହୋଇଯାଏ । ମାତ୍ର , ସୁଷମ ସାର ପ୍ରୟୋଗ କରାଯାଇଥିବା ଫସଲର କମ୍ କ୍ଷତି ହୁଏ । ସୁଷମ ସାର ଦିଆ ଫସଲ ବନ୍ୟା ପରେ ଖୁବ୍‌ଶୀଘ୍ର ପୂର୍ବ ଅବସ୍ଥାକୁ ଫେରି ଆସେ ଓ ଅଧିକ ଅମଳ ଦିଏ ।

(ଛ) ଜଳ ନିୟନ୍ତ୍ରଣ

ଧାନ ଫସଲ ୨ ରୁ ୫ ସେ.ମି. ଠିଆ ପାଣି ବରାବର ଦରକାର କରେ । ରୋଇବା ସମୟରେ କିଆରୀରେ ନଖ ବୁଡା ପାଣି ରଖିବା ଉଚିତ । ଧାନରୁଆର ପଞ୍ଚମ ଦିନରୁ ଜମିରେ ହାରାହାରି ୪-୫ ସେ.ମି. ଠିଆ ପାଣି ବାନ୍ଧି ରଖନ୍ତୁ । ଧାନ ପିଲ ଦେବା , ଥୋଡ ହେବା , ଫୁଲ ଉଡାଇବା ଓ କ୍ଷୀର ଢୋକିବା ସମୟରେ

ପାଣି ଅଭାବ ହେଲେ ଅମଳ କମିଯିବ , ଏଥିପ୍ରତି ସତର୍କ ରହିବା ଦରକାର ।
ଫସଲ ପାଚିବାର ୭-୮ ଦିନ ପୂର୍ବରୁ କିଆରୀରୁ ସବୁ ପାଣି କାଟି ନିଗାଡି ଦେବା ଆବଶ୍ୟକ ।
ସମ୍ଭବ ହେଲେ , ସାର ପ୍ରୟୋଗର ଦିନେ ଦୁଇ ଦିନ ପୂର୍ବରୁ କିଆରୀରୁ ପାଣି ନିଗାଡି ଦେଇ , ସାର ପ୍ରୟୋଗର ଦିନକ ପରେ , ପୁଣି ପାଣି ବାନ୍ଧି ରଖନ୍ତୁ ।

(ଜ) ଘାସବଛା

ବାଙ୍ଗର କିସମ ଧାନ କିଆରୀରେ ଫସଲର ପ୍ରଥମାବସ୍ଥାରୁ ଘାସ ବାଛି କିଆରୀ ସଫା ରଖିବା ଆବଶ୍ୟକ । ରୋଇବା ପୂର୍ବରୁ ଜମିକୁ ଭଲଭାବରେ କାଦୁଅ କରି ୨.୫ ସେ.ମି. ଠିଆପାଣି ରଖିଲେ ଅନେକାଂଶରେ ଘାସ ନିୟନ୍ତ୍ରଣ ହୋଇଥାଏ । ଘାସ ଅଧିକ ହେଉଥିବା ଅଞ୍ଚଳ ମାନଙ୍କରେ ରୁଆର ୧୫ ଦିନ ଓ ୨୫ ଦିନ ମଧ୍ୟରେ ଦୁଇଥର ଘାସ ବଛାବଛି କାମ ସାରିବା ଉଚିତ ।

(ଝ) ଶସ୍ୟ ସଂରକ୍ଷଣ

ଧାନ ଫସଲକୁ ନିୟମିତ ପର୍ଯ୍ୟବେକ୍ଷଣ କରି , ଆବଶ୍ୟକ ଅନୁସାରେ ରୋଗ ପୋକ ନିୟନ୍ତ୍ରଣ ବ୍ୟବସ୍ଥା କରନ୍ତୁ ।
କୀଟନାଶକ ଔଷଧ ମନଇଚ୍ଛା ବ୍ୟବହାର କରନ୍ତୁ ନାହିଁ । ତଦ୍ୱାରା ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡେ ଓ ଉପକାରୀ , ପରଜୀବୀ , ପରଭୋଜୀ ଓ ପରାଗ ସଙ୍ଗମକାରୀ ପୋକମାନେ ମରିଯାନ୍ତି ।
ଶୀଘ୍ର ଧାନ ବୁଣିଲେ କିମ୍ବା ରୋଇଲେ , ଅନେକ ପୋକ ଓ ରୋଗ ଦାଉରୁ ଫସଲ ଆପେ ଆପେ ରକ୍ଷା ପାଇଯାଏ ।
ଧାନ ଫସଲରେ ଡଳିଘରା ଠାରୁ ଅମଳ କମିଯାଏ । ଯଥା ସମୟରେ ସେମାନଙ୍କୁ ଦମନ କରନ୍ତୁ ।
କାଣ୍ଡବିନ୍ଧା ପୋକ , ବିରିହା ପୋକ ଓ ଲୋଡା ପୋକର ଅଣ୍ଡାଗୁଡିକୁ ସଂଗ୍ରହ କରି ପ୍ରଥମରୁ ନଷ୍ଟ କରି ଦିଅନ୍ତୁ ।
କାଣ୍ଡବିନ୍ଧା ଓ କାହାଳିଆ ପୋକ ଦ୍ୱାରା ଆକ୍ରାନ୍ତ ପିଲକୁ ବାହାର

କରି ନଷ୍ଟ କରି ଦିଅନ୍ତୁ ।
ରୋଗ ଓ ପୋକ ଅଧିକ ଲାଗୁଥିବା ଅଞ୍ଚଳରେ ପତିରୋଧକ ଶକ୍ତି ଥିବା ବିହନ ବହୁଳ ଭାବେ ବ୍ୟବହାର କରନ୍ତୁ । ଧାନ ବିଲ ତଥା ହିଡମାନଙ୍କୁ ଅନାବନା ଘାସ ସଫା କରି ପରିଷ୍କାର ରଖନ୍ତୁ ।
କାଣ୍ଡବିନ୍ଧା ଓ ବିରିହା ପୋକର ଅଣ୍ଡା ନଷ୍ଟ କରିବା ପାଇଁ , ରୁଆ ପୂର୍ବରୁ , ତଳି ଅଗକୁ ୧୦-୧୫ ସେ.ମି. ଛିଡାଇ ଦିଅନ୍ତୁ ।
ଆଲୋକ ଯନ୍ତା ବ୍ୟବହାର କରି , କାଣ୍ଡବିନ୍ଧା ଓ କାହାଳିଆ ପୂର୍ଣ୍ଣାଙ୍ଗ ପୋକର ଆବିର୍ଭାବ ପ୍ରତି ନଜର ରଖନ୍ତୁ ।
ଅଳ୍ପ ଖର୍ଚ୍ଚ ଓ ଯଥା ସମୟରେ ରୋଗ ପୋକ ଦମନ କରିବା ପାଇଁ ସମନ୍ୱିତ ରୋଗ ଓ ପୋକ ନିୟନ୍ତ୍ରଣ ବ୍ୟବସ୍ଥା ଅବଲମ୍ବନ କରନ୍ତୁ ।
ଧାନ ଫସଲର କେତେକ ପ୍ରଧାନ ପ୍ରଧାନ ପୋକ ଓ ରୋଗମାନଙ୍କ ଦ୍ୱାରା ଘଟୁଥିବା କ୍ଷତିର ଲକ୍ଷଣ ଓ ପ୍ରତିକାରର ବ୍ୟବସ୍ଥା ନିମ୍ନରେ ଦିଆଗଲା ।
(ଞ) ଅମଳ ଓ ଶସ୍ୟ ସାଇତା
ଫୁଲ ବାହାରିବାର ୩୦ - ୩୫ ଦିନ ମଧ୍ୟରେ ଧାନ କାଟିବା ଉପଯୋଗ୍ୟ ହୋଇଯାଏ । ଧାନକେଣ୍ଡାରେ ଶତକଡା ୮୦ ଭାଗ ପାଚିଗଲେ , ଫସଲ କାଟନ୍ତୁ । ଡେରି କଲେ ଶସ୍ୟ ଝଡିପଡି ଅମଳ କମିଯାଏ ।
ଅମଳ ପରେ ପରେ ଧାନକୁ ଭଲଭାବେ ଶୁଖାଇ ଘରେ ସାଇତି ରଖିଲେ ଫିମ୍ପି ଓ ପୋକ ଦ୍ୱାରା ଧାନ ନଷ୍ଟ ହୁଏ ନାହିଁ । ଧାନକୁ ପ୍ରଥମେ ଛାଇରେ ରଖି ପରେ ଖରାରେ ଶୁଖାଇ ରଖନ୍ତୁ । ଧାନର ଓଜନ ସ୍ଥିର ରହିଲେ , ସାଇତା ଉପଯୋଗୀ ହୁଏ ।
ବିହନ ପାଇଁ ଧାନକୁ ଖରାରେ ଶୁଖାଇ ଶତକଡା ୧୨-୧୩ ଭାଗ ଜଳୀୟ ଅଂଶ ଥାଇ ସାଇତି ରଖିବା ଆବଶ୍ୟକ ।